# ଓଡ଼ିଶା ଓ ଗାନ୍ଧୀ

ଡକ୍ଟର ପାବକ କାନୁନ୍‌ଗୋ



ମହାତ୍ମା ଗାନ୍ଧୀଙ୍କ ସହିତ ଓଡ଼ିଶାର ସମ୍ପର୍କ ଆମ ଇତିହାସର ଗୋଟିଏ ଗୌରବମୟ ପର୍ଯ୍ୟାୟ ବୋଲି କହିଲେ ଭୁଲ ହେବ ନାହିଁ । ଅସହଯୋଗ ଆନ୍ଦୋଳନ, ଆଇନ୍ ଅମାନ୍ୟ ଆନ୍ଦୋଳନ ଓ ଅଗଷ୍ଟ ବିପ୍ଳବର ରୋମାଞ୍ଚକର କାହାଣୀ ସହିତ ମହାତ୍ମାଙ୍କ ମନ ଭିତରେ ଥିବା ଅବହେଳିତ ଓଡ଼ିଶା ପ୍ରତି ଶ୍ରଦ୍ଧା ଓ ଅନୁକମ୍ପାର ଝଲକ ଏଥିରୁ ମିଳିବ । ଓଡ଼ିଆମାନେ ଯେ ମହାଭାରତୀୟ ସ୍ରୋତରେ ସାମିଲ ହୋଇପାରିଲେ ସେଥିପାଇଁ ଗାନ୍ଧିଜୀଙ୍କ ପ୍ରତି ଏ ଜାତି ସବୁଦିନେ କୃତଜ୍ଞ ହୋଇରହିବ । ଓଡ଼ିଆମାନଙ୍କ ଭିତରେ ନିର୍ଭୀକତାର ପ୍ରଚାର କରିବା ଦିଗରେ ଗାନ୍ଧିଜୀ କିପରି ଉଦ୍ୟମ କରିଥିଲେ ଏବଂ ଏ ରାଜ୍ୟର ଦାରିଦ୍ର୍ୟ ଓ ଅନଗ୍ରସରତାକୁ ଦୂର କରିବା ପାଇଁ କିପରି ଯୋଜନାବଦ୍ଧ ଉଦ୍ୟମ କରିଥିଲେ, ତାହା ଜାଣିଲେ ପ୍ରତ୍ୟେକ ଓଡ଼ିଆ ଏହି ମହାତ୍ମାଙ୍କ କଥାକୁ ଶ୍ରଦ୍ଧା ଓ କୃତଜ୍ଞତାର ସହିତ ମନେ ପକାଇବ ।

୧୯୧୫ରେ ଗାନ୍ଧିଜୀ ଦକ୍ଷିଣଆଫ୍ରିକାରୁ ଭାରତକୁ ଫେରି ଆସିଲେ । ଦେଶଟି ତାଙ୍କ ପାଇଁ ଥିଲା ପ୍ରାୟତଃ ଅଜଣା । ଏ ଦେଶର ଲୋକ, ସଭ୍ୟତା ଓ ସଂସ୍କୃତିକୁ ଭଲଭାବରେ ନଜାଣିଲେ ଦେଶସେବା ବ୍ରତକୁ ନିଷ୍ଠାର ସହିତ ପାଳନ କରିପାରିବେ ନାହିଁ ବୋଲି ଅନୁଭବ କଲେ । ସେତିକିବେଳେ ତାଙ୍କର ରାଜନୈତିକ ଗୁରୁ ମହାମାନ୍ୟ ଗୋପାଳକୃଷ୍ଣ ଗୋଖ୍‌ଲେ ତାଙ୍କୁ ପରାମର୍ଶ ଦେଲେ ତୃତୀୟ ଶ୍ରେଣୀରେ ରେଳଯାତ୍ରୀ ହୋଇ ଭାରତର ବହୁ ଅଂଶକୁ ଯାଆନ୍ତୁ । ସେହି 'ଭାରତ ଆବିଷ୍କାର' ପର୍ଯ୍ୟାୟରେ ସେ ଓଡ଼ିଶାକୁ ଆସିବାର ସୁଯୋଗ ପାଇନଥିଲେ ।

ଏତିକିବେଳେ ଗୋଟିଏ ବିଚିତ୍ର ପରିସ୍ଥିତିରେ ମହାତ୍ମା ଓଡ଼ିଶା ସହିତ ପରିଚିତ ହେଲେ । ସେହି

ପରିଚୟ ପତ୍ରରେ ଥିଲା ଓଡ଼ିଶା ପ୍ରତି ଗଭୀର କରୁଣା ଓ ସହାନୁଭୂତି । ୧୯୧୯-୨୦ରେ ପୁରୀ ଜିଲ୍ଲାର ଗୋଟିଏ ବଡ଼ଅଂଶରେ ଦୁର୍ଭିକ୍ଷ ଦେଖାଦେଲା । ଡଭାର ଗାଁର ଦୁର୍ଦ୍ଦଶା ପ୍ରଥମେ ଲୋକଲୋଚନକୁ ଆସିଲା ପରେ ଅନ୍ୟ ଅଞ୍ଚଳ କଥା ଜଣାପଡ଼ିଲା । ତେଣୁ ସାଧାରଣତଃ ଏହାକୁ 'ଡଭାର ଦୁର୍ଭିକ୍ଷ' ବୋଲି କୁହାଯାଏ । ଗାନ୍ଧୀଙ୍କ ସହିତ ଗୋପବନ୍ଧୁ ସେତେବେଳକୁ ବ୍ୟକ୍ତିଗତ ଭାବରେ ପରିଚିତ ହୋଇନଥିଲେ ମଧ ଗାନ୍ଧୀ ଜାଣିଲେ ହୁଏତ କିଛି ପ୍ରତିକାର ହୋଇପାରିବ ବୋଲି ଭାବି ପୁରୀ ଦୁର୍ଭିକ୍ଷ ସମ୍ପର୍କରେ ସବୁକଥା ବର୍ଣ୍ଣନା କରି ଖଣ୍ଡିଏ ଚିଠି ତାଙ୍କ ପାଖକୁ ପଠାଇଲେ । ସେହି ଚିଠିଟି ପଢ଼ି ଗାନ୍ଧିଜୀ ବ୍ୟଥିତ ହୋଇପଡ଼ିଲେ । ସେହି ହିଁ ଥିଲେ ସେ ଯୁଗର ଏକମାତ୍ର ଜନନାୟକ, ଯିଏ କି ସର୍ବଭାରତୀୟ ଭାବନାରେ ଉଦ୍‌ବୁଦ୍ଧ ହୋଇସାରିଥିଲେ । ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ବିସ୍ତୃତ ଭୂଖଣ୍ଡକୁ ସେ ନିଜର ମାତୃଭୂମି ବୋଲି ବିଚାରୁଥିଲେ । ଗୋପବନ୍ଧୁଙ୍କ ଚିଠି ପାଇ ସଙ୍ଗେ ସଙ୍ଗେ ସେ ବିଚାରିଲେ ଯେ ଓଡ଼ିଶାବାସୀଙ୍କ ଦୁଃଖକୁ ଲାଘବ କରିବା ପାଇଁ କିଛି ନା କିଛି ତୁରନ୍ତ କରିବାକୁ ପଡ଼ିବ । ଏଭଳି ବିଚାରୀ ସେ ଗୁଜୁରାଟୀ ଭାଷାରେ ପ୍ରକାଶ ପାଉଥିବା 'ନବଜୀବନ'ରେ 'ଓଡ଼ିଶାର ଦୁର୍ଭିକ୍ଷ' ଶିରୋନାମା ଦେଇ ଗୋଟିଏ ନିବେଦନ ପ୍ରକାଶ କଲେ ।

ବାପୁଜୀଙ୍କ ଏହି ଲେଖାରୁ ଜଣାପଡ଼ିଗଲା ଓଡ଼ିଶା ବିଷୟରେ ସେ ବିଶେଷ କିଛି ଜାଣି ନାହାଁନ୍ତି ବୋଲି । ସେ ଲେଖିଥିଲେ- ''ଭାରତର ଯେଉଁ ଅଞ୍ଚଳ ସବୁଠାରୁ ଦରିଦ୍ର, ଓଡ଼ିଶା ତାହାର ଅଂଶ ମାତ୍ର । ସେଠାର ଲୋକଙ୍କର ଦୁଃଖ ଦୁର୍ଦ୍ଦଶାର କାହାଣୀ ଆମେ ଯେ ଅନେକ ସମୟରେ ଶୁଣିପାରୁ ନାହୁଁ ତାହାର କାରଣ ହେଲା, ସବୁ ଦୃଷ୍ଟିରୁ ଓଡ଼ିଆମାନେ ପଛରେ ପଡ଼ିଛନ୍ତି ।

'ନବଜୀବନ'ରେ ଏହି ନିବେଦନ ପ୍ରକାଶ ପାଇବାର ଠିକ୍ ତିନି ଦିନ ପରେ ୧୯୨୦ ମଇ ମାସ ୧୨ ତାରିଖରେ ଗାନ୍ଧିଜୀ 'ୟଙ୍ଗ ଇଣ୍ଡିଆ' ପତ୍ରିକାରେ ''ଓଡ଼ିଶାର ଯାତନା' ଶିରୋନାମା ଦେଇ ଯେଉଁ ଲେଖାଟି ପ୍ରକାଶ କଲେ, ସେଥିରେ ସେ ପରୋକ୍ଷରେ ସ୍ୱୀକାର କରିଥିଲେ ଯେ ଓଡ଼ିଶା ବିଷୟରେ ସେ ବିଶେଷ କିଛି ଜାଣି ନାହାନ୍ତି । ସେ ଲେଖିଥିଲେ – ''ଓଡ଼ିଶାର ସମ୍ମାନ ହେଲା ଜଗନ୍ନାଥ ପୁରୀ ଭଳି ଗୋଟିଏ ପ୍ରସିଦ୍ଧ ତୀର୍ଥ କ୍ଷେତ୍ର ସେଠାରେ ଅଛି । ଏହା ସତ୍ତ୍ୱେ ମନେ ହେଉଛି, ସତେ ଯେପରିକି ଈଶ୍ୱର ଏହାକୁ ପରିତ୍ୟାଗ କରିଦେଇଛନ୍ତି । ଯେତେବେଳେ ଭାରତରେ ଜାତୀୟ ଜୀବନର ଚେତନା ଉଦ୍‌ବେଳିତ ହେଉଛି, ସେତେବେଳେ ଓଡ଼ିଶା ବିଷୟରେ ଆମେ ବିଶେଷ କିଛି ଜାଣିନାହୁଁ । ଆମ ଭିତରୁ ଅଧିକାଂଶଙ୍କ ପାଇଁ ଏଇଟି ହେଉଛି ଭୂଗୋଳ ବହିରେ ଥିବା ଗୋଟିଏ ନାମମାତ୍ର । ଆଧୁନିକ ଶିକ୍ଷାର ଏଇଟି ଗୋଟିଏ କେନ୍ଦ୍ର ହୋଇନଥିବାରୁ ଆଧୁନିକ ଯୁଗରେ କାମ କରିବା ଭଳି ତାଲିମପ୍ରାପ୍ତ କର୍ମୀ ଏଠାରୁ ବାହାରି ନାହାନ୍ତି । ତେଣୁ ଓଡ଼ିଶାର ଲୋକେ ସୁଖରେ ଅଛନ୍ତି କି ଦୁଃଖରେ ଅଛନ୍ତି ସେ କଥା କେହି ଜାଣି ନାହାନ୍ତି ।''

ପୁରୀ ଦୁର୍ଭିକ୍ଷ ସମ୍ପର୍କରେ ଏହି ସବୁ ଲେଖାଦ୍ୱାରା ଗାନ୍ଧିଜୀ ଓଡ଼ିଶାକୁ ଭାରତର ସଚେତନ ଲୋକଙ୍କ ସହିତ ପରିଚୟ କରାଇଦେଲେ । ପ୍ରଥମ ଥର ପାଇଁ ମହାଭାରତୀୟ ସ୍ତରରେ ଓଡ଼ିଶାର ଗୋଟିଏ

ସମସ୍ୟା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କଲା । ଏଥିପୂର୍ବରୁ ଓଡ଼ିଶାର ସ୍ୱର ଏତେ ଦୂରକୁ ଶୁଭୁନଥିଲା । ୧୯୨୦ ବର୍ଷଟି ଏହି ଦୃଷ୍ଟିରୁ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ । ଗାନ୍ଧିଜୀଙ୍କ ଉଦ୍ୟମରେ ପ୍ରଥମେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ଗଢ଼ା ହେଲା । ପୂର୍ବରୁ ଆମେ ବିହାର ପ୍ରଦେଶ ସହିତ ଯୋଡ଼ି ହୋଇଥିଲୁ । ଉତ୍କଳମଣି ହେଲେ ପ୍ରଥମ ସଭାପତି ।

୧୯୨୧ ଆରମ୍ଭରେ ଅସହଯୋଗର ନିର୍ଭୀକତାର ବାର୍ତ୍ତା ଦେଶସାରା ପ୍ରଚାର କରିବା ପାଇଁ ଗାନ୍ଧିଜୀ ବାହାରି ପଡ଼ିଲେ । ସେହି କ୍ରମରେ ୧୯୨୧ ମାର୍ଚ୍ଚ ୨୩ ତାରିଖ ଦିନ ଆସି ଓଡ଼ିଶାରେ ପ୍ରଥମ ଥର ପାଇଁ ପାଦ ଦେଲେ । ସେହିଦିନ ଥିଲା ଦୋଳପୂର୍ଣ୍ଣିମା । ସମଗ୍ର ରାଜ୍ୟ ଏଥିପାଇଁ ଉତ୍ସବ ମୁଖରିତ ହୋଇଥିଲାବେଳେ ଭାରତର ମୁକ୍ତିଦାତା ଆସି କଟକ ସହରରେ ପାଦ ଦେଲେ ଓ ସ୍ୱରାଜ ଆଶ୍ରମରେ ରହିଲେ । ଭାରତରୁ ବ୍ରିଟିଶ ସରକାରକୁ ନିକାଳିବା ପାଇଁ ଓ ସ୍ୱରାଜ୍ୟ ପ୍ରତିଷ୍ଠା ପାଇଁ ଗାନ୍ଧୀ ବୋଲି ଜଣେ କିଏ ମହାତ୍ମା ଜନ୍ମିଛନ୍ତି । ତାଙ୍କ ଦର୍ଶନ ପାଇଁ ହଜାର ହଜାର ନରନାରୀ ପାଗଳ ପ୍ରାୟ ହୋଇଗଲେ । ଅପୂର୍ବ ଉତ୍ସାହ ଓ ଉଦ୍ଦାମତାର ଏକ ପରିବେଶ ସୃଷ୍ଟି ହୋଇଗଲା । କାଠଯୋଡ଼ି ବାଲିରେ ଗୋଟିଏ ବିରାଟ ସାଧାରଣ ସଭା (ମାର୍ଚ୍ଚ ୨୩)ରେ ଯୋଗ ଦେଇ ମହାତ୍ମା ଅସହଯୋଗର ମନ୍ତ୍ର ସମ୍ପର୍କରେ ଲୋକଙ୍କୁ ବୁଝାଇଲେ । ତାଙ୍କୁ ସ୍ୱାଗତ ଜଣାଇ ଉତ୍କଳମଣି ଗୋପବନ୍ଧୁ କହିଥିଲେ–ରାଜନୀତି କ୍ଷେତ୍ରରେ ସିନା ଓଡ଼ିଶା ଯଥେଷ୍ଟ ଅଗ୍ରଗତି କରିନାହିଁ, କିନ୍ତୁ ସବୁ ଯୁଗରେ ସେ ଧର୍ମବାଦରେ ଦେଶର ଅନ୍ୟ ସମସ୍ତ ପ୍ରଦେଶଠାରୁ ଆଗରେ ଅଛି । ବୁଦ୍ଧଙ୍କଠାରୁ ଆରମ୍ଭ କରି କବୀର, ରାମାନୁଜ, ଶଙ୍କର, ନାନକ ଓ ଚୈତନ୍ୟଙ୍କ ଯାଏଁ ଭାରତରେ ଯେତେ ଯେତେ ମହାତ୍ମା ଜନ୍ମଗ୍ରହଣ କରିଛନ୍ତି, ସମସ୍ତଙ୍କର କିଛି ନା କିଛି ସଂକେତ ଆମର ଏହି ଓଡ଼ିଶା ଭୂମିରେ ରହିଛି । ଆଜିକୁ ପ୍ରାୟ ତିନିଶହ ବର୍ଷ ତଳେ ଠିକ୍ ଆଜିର ଦୋଳପୂର୍ଣ୍ଣିମା ତିଥିରେ ଚୈତନ୍ୟ ମହାପ୍ରଭୁ ଏହି ନଦୀର ବାଲୁକାରେ ପ୍ରେମଧର୍ମ ପ୍ରଚାର କରିବାକୁ ଆସିଥିଲେ । ଆଜି ତିନିଶହ ବର୍ଷ ପରେ ଠିକ୍ ସେହି ଦିନରେ ଆଉ ଜଣେ ମହାତ୍ମା ରାଜନୈତିକ ପ୍ରେମଧର୍ମ ପ୍ରଚାର କରିବାକୁ ଆସିଛି ।

୧୯୨୧ର ପ୍ରଥମ ଗସ୍ତ ବେଳେ ଗାନ୍ଧିଜୀ କଟକ ସମେତ ଭଦ୍ରଖ, ସତ୍ୟବାଦୀ, ପୁରୀ ଓ ବ୍ରହ୍ମପୁରକୁ ଯାଇଥିଲେ । ଏହାପରେ ୧୯୨୫ରେ ମଧୁସୂଦନ ଦାସଙ୍କ ନିମନ୍ତ୍ରଣ କ୍ରମେ କଟକ ଆସି ତିନି ଦିନ ରହିଲେ । ୧୯୨୭ରେ ଖଦୀ ଗସ୍ତବେଳେ ବ୍ରହ୍ମପୁର, ଛତ୍ରପୁର, ବୋଲଗଡ଼, ବାଣପୁର, ଖୋର୍ଦ୍ଧା, ଜଟଣୀ, ପୁରୀ, ବାଲେଶ୍ୱର, ଭଦ୍ରଖ ଓ କଟକ ଗସ୍ତ କରିଥିଲେ । ୧୯୨୮ ଡ଼ିସେମ୍ବର ୨୨ ତାରିଖ ଦିନ ସମ୍ବଲପୁରକୁ ଗୋଟିଏ ଦିନ ପାଇଁ ଆସିଲେ । ୧୯୩୪ ମଇ ମାସରେ ହରିଜନ ପଦଯାତ୍ରାରେ ପୁରୀରୁ ଭଦ୍ରଖ (୧୫୬ ମାଇଲ) ଯାଇଥିଲେ । ୧୯୩୮ ମାର୍ଚ୍ଚ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ପୁରୀ ଜିଲ୍ଲାର ବେରବୋଇ (ଡେଲାଙ୍ଗ)ରେ ଗାନ୍ଧୀସେବା ସଂଘ ସମ୍ମିଳନୀରେ ଯୋଗଦେଇଥିଲେ । ୧୯୪୬ ଜୁଲାଇ ୨୦ ତାରିଖ ଦିନ ରେଳଯୋଗେ ଗୌହାଟୀରୁ ମାନ୍ଦ୍ରାଜ ଯାଉଥିଲାବେଳେ ବାଲେଶ୍ୱର, ଭଦ୍ରଖ, କଟକ ଓ ବ୍ରହ୍ମପୁର ଷ୍ଟେସନରେ ଅଟକି ଲୋକଙ୍କୁ ଦର୍ଶନ ଦେଇଥିଲେ ।

ଅସହଯୋଗର ବାର୍ତ୍ତା ପ୍ରଚାର ପାଇଁ ଓଡ଼ିଶା ଆସିବାର ପ୍ରଭାବ ଲୋକଙ୍କ ଉପରେ ପଡ଼ିଲା । ଏ ସମ୍ପର୍କରେ ଉତ୍କଳମଣି ଲେଖିଥିଲେ –

ସତ୍ୟଶାନ୍ତି ପଥେ ଚାଲ ଅବିରତ,
ଗ୍ରାମେ ଗ୍ରାମେ ସର୍ବେ କର ପଞ୍ଚାୟତ,
ଚଳାଅ ଅରଟ ଛାଡ଼ି ମନୁ ଭୀତି,
ତେଜ ଉଚ୍ଚନୀଚ ଘୃଣାଭେଦ ନୀତି

X X X

ହେ ଉତ୍କଳବାସୀ ସେ ସନ୍ଦେଶ ମାନ
କର୍ମେ ଭୋଗ ସଦା ହୋଇ ସାବଧାନ
ଚାଲ ଏହି ପଥେ ମିଳିବ ମୁକତି,
ଘେନ ମୋର ଏହି ବିଦାୟ ବିନତି ।

ଗାନ୍ଧିଜୀ ତାଙ୍କର ଓଡ଼ିଶା ଗସ୍ତର ଅନୁଭୂତି ତା୧୩.୦୪.୧୯୨୧ରିଖରେ 'ୟଙ୍ଗ ଇଣ୍ଡିଆ' ପତ୍ରିକାରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ସେ ଲେଖିଥିଲେ– 'ଓଡ଼ିଶାର ଦୁର୍ଭିକ୍ଷ ସମୟରେ ସେ ପ୍ରଦେଶରେ ଦାରିଦ୍ର୍ୟ କେତେ ଦୂର ମୁଁ ତାହା ହୃଦୟଙ୍ଗମ କରିଥିଲି । ଚମ୍ପାରଣ ଲୋକଙ୍କ ଭଳି ଏତେ ଦରିଦ୍ର ଆଉ କେଉଁଠି ନଥିବେ ବୋଲି ମୋର ଧାରଣା ରହିଥିଲା । କିନ୍ତୁ ମୋର ଆଶଙ୍କା ଯେ ଦାରିଦ୍ର୍ୟରେ ଓଡ଼ିଶା ଚମ୍ପାରଣକୁ ବି ଟପିଯାଇଛି । ଭଗବାନଙ୍କ ପରିତ୍ୟକ୍ତ ଏହିପରି ଏକ ଅଞ୍ଚଳରେ ଜଣେ ପ୍ରକୃତ ନେତା ଅଛନ୍ତି । ସେ ହେଉଛନ୍ତି ଗୋପବନ୍ଧୁ ଦାସ ।

୧୯୨୧ ଓ ୧୯୨୫– ଦୁଇଥରରେ ଓଡ଼ିଶା ଗସ୍ତ କଲାପରେ ଏ ରାଜ୍ୟ ବିଷୟରେ ଗାନ୍ଧିଜୀ ଅତିମାତ୍ରାରେ ଆଗ୍ରହୀ ହୋଇଉଠିଲେ । ୧୯୨୭ର ଖଦୀଗସ୍ତ ପୂର୍ବରୁ ସେ ଲେଖିଲେ ମୋ ଦୃଷ୍ଟିରେ ଆମ ଦେଶର ଶୋଚନୀୟ ଦୁର୍ଦ୍ଦଶାର ଓଡ଼ିଶା ହେଉଛି ଗୋଟିଏ ଦର୍ଶନୀୟ ନମୁନା । ଓଡ଼ିଶା ଯଦି ପୁନର୍ଜନ୍ମ ପାଇବ ତେବେ ସାରା ଭାରତ ପୁନର୍ଜନ୍ମ ପାଇଲା ପରି ମୋତେ ଲାଗିବ । ଓଡ଼ିଶା ପରି ଗୋଟିଏ ସଂସ୍କାରବାନ ଭୂମି ସାରା ଭାରତରେ ଦରିଦ୍ରତମ ହୋଇ ରହିବାର କୌଣସି କାରଣ ନାହିଁ । ଭାରତର ଅନ୍ୟାନ୍ୟ ଅଞ୍ଚଳ ଲୋକଙ୍କ ତୁଳନାରେ ସେଠାରେ ଲୋକେ କୌଣସି ଗୁଣରେ ନ୍ୟୂନ ନୁହଁନ୍ତି । ତାହାର ଇତିହାସ ବଡ଼ ଗୌରବମୟ । ସେଠାରେ ବିଶାଳ ମନ୍ଦିରମାନ ରହିଛି । ସେଠି ଜଗନ୍ନାଥ ଅଛନ୍ତି, ଯିଏ ପ୍ରାଣୀ ମଧ୍ୟରେ ପ୍ରଭେଦ ବିଚାର କରନ୍ତି ନାହିଁ । ତଥାପି ଦୁଃଖ ଲାଗେ ଯେ ସେହି ବିଶାଳ ମନ୍ଦିରର ଛାୟା ତଳେ ହଜାର ହଜାର ଲୋକ ଭୋକରେ ମରନ୍ତି । ଦାରିଦ୍ର୍ୟ, ଦୁର୍ଭିକ୍ଷ ଓ ବ୍ୟାଧି ବରାବର ସେଠାରେ ଲାଗି ରହିଛି । ଓଡ଼ିଶାର ଲୋକଙ୍କ ଆଖିରେ ଶୂନ୍ୟତା, ନୈରାଶ୍ୟ ଓ ନିର୍ଜୀବତା ଯେପରି ଦେଖିଛି, ସେପରି ଅନ୍ୟତ୍ର କେଉଁଠି ଦେଖିନାହିଁ ।

ଗାନ୍ଧୀଙ୍କଠାରୁ ଓଡ଼ିଶା ପ୍ରେରଣା ପାଇଥିଲା ସତ, କିନ୍ତୁ ଓଡ଼ିଶାଠାରୁ ମଧ୍ୟ ସେ କିଛି କଥା ଶିଖିଥିଲେ । ଉତ୍କଳମଣିଙ୍କ ସେବାଭାବ ଓ ମଧୁସୂଦନଙ୍କ ଶ୍ରମର ମର୍ଯ୍ୟାଦା ତତ୍ତ୍ୱ ତାଙ୍କୁ ଗଭୀର ଭାବରେ ରେଖାପାତ କରିଥିଲା । ୧୯୨୦ ଦଶକରେ ସେ କହିଥିଲେ – ମୋତେ ଯଦି ଶହେ ଜଣ ଗୋପବନ୍ଧୁ ମିଳନ୍ତେ ତେବେ ମୁଁ ବର୍ଷକ ଭିତରେ ସ୍ୱାଧୀନତା ଆଣିଦେବି ।

ଓଡ଼ିଶାର ୧୯୩୪ର ହରିଜନ ପଦଯାତ୍ରା ଗୋଟିଏ ସାମାଜିକ କଳଙ୍କ ବିରୁଦ୍ଧରେ ଏପରି ଆନ୍ଦୋଳନ ବିଶ୍ୱରେ ପ୍ରଥମ ବୋଲି କୁହାଯାଏ । ମହାତ୍ମାଙ୍କ ସହିତ ଓଡ଼ିଶାର ନିବିଡ଼ ସମ୍ପର୍କର ବିଭିନ୍ନ ଦିଗ ବିଷୟରେ ଆଲୋଚନା ହେବା ଉଚିତ ।

---

୧୪୪୩(ବି), ସେକ୍ଟର-୬
ସିଡ଼ିଏ, କଟକ-୧୪